

# ଆଦିବାସୀ ମେଳା ୨୦୨୧

## ପବିତ୍ରତାର ପ୍ରତୀକ ସବାଇ ଘାସର ଯାଦୁଗରୀ

ଓଡ଼ିଶାରେ ବସବାସ କରୁଥିବା ୬୨ ଜନଜାତିଙ୍କ ମଧ୍ୟରୁ ଲୋଧା ଜନଜାତି ଅନ୍ୟତମ । ଏମାନଙ୍କୁ ଓଡ଼ିଶାରେ ପ୍ରାଚୀନ ଜନଜାତିର ମାନ୍ୟତା ଦିଆଯାଇଛି । ମୟୁରଭଂଜ ଜିଲ୍ଲାର ବାରିପଦା ସବ୍‌ଡିଭିଜନ୍ ଅନ୍ତର୍ଗତ ଶୁଳିଆପଦା ମୋରଡ଼ା ଅଂଚଳରେ ଏମାନଙ୍କ ଜନବସତି । ପ୍ରାୟତଃ ଅଧିକାଂଶ ଲୋଧା ଦାରିଦ୍ର୍ୟ ସୀମାରେଖା ତଳେ ଦିନ ମଜୁରୀ, ବନଜାତ ଦ୍ରବ୍ୟ ସଂଗ୍ରହ ତଥା ନାମମାତ୍ର ଚାଷୀ ହିସାବରେ ଏମାନଙ୍କ ଜୀବନ ସଂସାର ଚଳଚଂଚଳ । ଦାରିଦ୍ର୍ୟ ସୀମାରେଖାରୁ ଏମାନଙ୍କୁ ଉଠାଇବା ପାଇଁ ସରକାରଙ୍କ ତରଫରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଲୋଧାମାନେ ପରିଶ୍ରମୀ । ମୋରଡ଼ା ଶୁଳିଆପଦା ବ୍ଲକ ଅଂଚଳରେ ଅନେକ ଢ଼ିପ ଜମି । ଏହି ଜମିରେ ପର୍ଯ୍ୟାପ୍ତ ପରିମାଣରେ ସବାଇ ଘାସ ଉତ୍ପାଦିତ ହୋଇଥାଏ । ପୂର୍ବେ ଏହାକୁ ଘର ଛାଉଣୀ, ଦଉଡ଼ି ହିସାବରେ ବ୍ୟବହାର କରାଯାଉଥିଲା । ଲୋଧାମାନେ ଏହାକୁ ଜମିରୁ କାଟିଆଣି ଶୁଖାଉଥିଲେ । ପରେ ଦଉଡ଼ି ବଳି ତାର ଆଂଟ ଭାଙ୍ଗି ନରମ କରୁଥିଲେ । ଏହା ମୁଖ୍ୟତଃ ଖଟ ଦଉଡି ତଥା ବିଭିନ୍ନ ବନ୍ଧାବନ୍ଧି କାର୍ଯ୍ୟରେ ଲାଗୁଥିଲା । ପରିଶ୍ରମ ଅନୁରୂପ ମୂଲ ପାଉ ନଥିବାରୁ ସେମାନେ ପାରଂପରିକ ବୃତ୍ତିରୁ ଓହରି ଯାଇ ଚାଷ କାର୍ଯ୍ୟ, ଦିନ ମଜୁରୀ, ଏପରିକି ଜଙ୍ଗଲରୁ କାଠ କାଟି ହାଟ, ଗାଁରେ ବିକ୍ରିକରି ଗୁଜୁରାଣ ମେଂଟାଇବା ଆରମ୍ଭ କରିଥିଲେ । ବଜାରରେ ଚାହିଦା ଅଭାବରୁ ସବାଇ ଦଉଡି ପ୍ରସ୍ତୁତିରୁ ଦୂରେଇ ଯାଉଥିଲେ । ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗସ୍ଥ ଲୋଧା ଉନ୍ନୟନ ସଂସ୍ଥା ଏମାନଙ୍କ ଜୀବନ ଜୀବିକାରେ ଉନ୍ନତ ଆଣିବାକୁ ଯାଇ ତାଙ୍କ ପାରମ୍ପରିକ ଦଉଡ଼ି ବୁଣା ବୃତ୍ତିକୁ ମୂଲ୍ୟଯୁକ୍ତ କରାଇ ବଜାର ସୃଷ୍ଟି କରିବାର ଯୋଜନା ତିଆରି କରିଛନ୍ତି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପୂର୍ବକ ସେମାନଙ୍କୁ ତିନିମାସ ତାଲିମ୍ ଦିଆଗଲା । ସବାଇ ଘାସରୁ ବିଭିନ୍ନ ଘରକରଣା ଜିନିଷ ପ୍ରସ୍ତୁତି ନିମନ୍ତେ ପଦକ୍ଷେପ ନିଆଗଲା । ପ୍ରଥମତଃ ସବାଇ ଘାସ ପବିତ୍ରତାର ପ୍ରତୀକ । ସାନ୍ତାଳ ଲୋକ ପରମ୍ପରା ହିସାବରେ ଏହାକୁ ପବିତ୍ର ଘାସ ହିସାବରେ ଗଣନା କରାଯାଏ । ଏବଂ ଏଥିରୁ ପ୍ରସ୍ତୁତ ଘରକରଣା ଉପକରଣ, ଦେବଦେବୀଙ୍କ କାର୍ଯ୍ୟରେ ଲାଗିଥାଏ । ଫୁଲ ରଖିବା, ଦେବଦେବୀଙ୍କ ଭୋଗ ରଖିବା, ତାଙ୍କ ଅଳଙ୍କାର ରଖିବା, ଦେବଦେବୀଙ୍କ ପ୍ରତିମା/ ବିଗ୍ରହ ରଖିବା ସବାଇ ଘାସ ପ୍ରସ୍ତୁତ ଟୋକେଇ, ପେଟରା, ଚାଙ୍ଗୁଡିରେ ସମ୍ପାଦିତ ହୋଇଥାଏ । ଏହି ପରମ୍ପରାକୁ ଲକ୍ଷ୍ୟ କରି ତାର ପ୍ରସ୍ତୁତି କୌଶଳରେ ମୂଲ୍ୟଯୁକ୍ତ କରାଇ ସୁଦୃଶ୍ୟ ଟୋକେଇ, ପାଛିଆ, ପେଟରା, ପେଡ଼ି, ଫୁଲଦାନୀ, ଫୁଲଚାଙ୍ଗୁଡ଼ି, ପରିବା ଡାଲା, ଏପରିକି ସପ, ପାପୋଛ, ଆସନ, ସୋଫା, ପ୍ରଭୃତି ସରଞ୍ଜାମ ପ୍ରସ୍ତୁତି ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଗଲା । କଂଚାମାଲ କହିଲେ ସବାଇ ଘାସ, ଖଜୁରୀ ପତ୍ର, ସୂତା । କଅଁଳ ଖଜୁରୀ ପତ୍ରକୁ ଶୁଖାଇ ବିଭିନ୍ନ ରଂଗ ଦେଇ ସବାଇ ଘାସ ବୁଣାଯାଏ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଶକୁନ୍ତଳା ମଲ୍ଲିକଙ୍କୁ ପଚାରିବାରେ ସେ କୁହନ୍ତି । ଗୋଟାଏ କିଲୋ ସବାଇ ଦଉଡି ବୁଣିବାରେ ଖୁବ୍ ପରିଶ୍ରମ । ତା ବାବଦକୁ ମୂଲ୍ୟ ୪୦/୫୦ ମାତ୍ର ।



ଖରାରେ ଶୁଖାଇବା, ଦଉଡି ବଳିବା ତାକୁ ନରମ କରିବା ପାଇଁ ଘସିବା, ବଣ୍ଡଲ କରିବା ଇତ୍ୟାଦି ଇତ୍ୟାଦି ପୁଣି ମାସ ମାସ ଧରି ପଡ଼ି ରହିଥିବ । ବଜାର ଥିଲେ ବିକ୍ରି ହେବ ନତୁବା ପଡ଼ି ରହିବ । ଆଉ ଏହି ଉପକରଣ ପ୍ରସ୍ତୁତି ଖୁବ୍ ସୁବିଧାଜନକ । ସବାଇ ଘାସ କାଟି ଆଣି ଛାଇରେ ଶୁଖାଇ ଘରେ ବସି ଅବସର ସମୟରେ ବିଭିନ୍ନ ଡିଜାଇନ୍‌ର ଘରକରଣା, ଆସବାବ ପତ୍ର ପ୍ରସ୍ତୁତ କରାଯାଉଛି । ଗ୍ରାହକ ମଧ ଅନେକ ।



ଆଦିବାସୀ ମେଳାରେ ଲୋଧା ଉନ୍ନୟନ ସଂସ୍ଥା ତରଫରୁ ଖୋଲାଯାଇଥିବା ଷ୍ଟଲରେ ଉପଲବ୍ଧ ହେଉଛି ଏମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ । ଲୋକେ ନିଜ ପସନ୍ଦ ଉପଯୋଗୀ ଜିନିଷ କିଣିବାରେ ହେଲା କରୁନାହାନ୍ତି । ଷ୍ଟଲରେ ମଧ ଉପକରଣ ପ୍ରସ୍ତୁତି ପ୍ରଦର୍ଶନ ଚାଲିଛି । ଲୋଧା ଉନ୍ନୟନ ସଂସ୍ଥାରୁ ଆଦିବାସୀ ମେଳାକୁ ଆସିଥିବା ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ଗଙ୍ଗାମାତା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶିବଶକ୍ତି ସ୍ୱୟଂସହାୟକ ଗୋଷ୍ଠୀ, ଭୋଳା ଗଡିଆର ଶକୁନ୍ତଳା ମଲ୍ଲିକ, ହେମସ୍ମୃତି ନାୟକ, ରଶ୍ମିତା ହେମବ୍ରମ୍ ସବାଇ ଘାସ ଓ ଖଜୁରୀ ପତ୍ର ନେଇ ତାଙ୍କ ହାତର ଯାଦୁଗରୀ ଦେଖାଉଛନ୍ତି । ଏହି ସମୟରେ ମେଳା ଦେଖିବାକୁ ଆସିଥିବା ଜଣେ ଶ୍ରଦ୍ଧାଳୁ ସବାଇ ଘାସରୁ ଏକ ଫୁଲ ଚାଙ୍ଗୁଡି ତାଙ୍କ ପୂଜା ଘର ପାଇଁ ନିଜ ପସନ୍ଦ ମୁତାବକ ଡିଜାଇନ୍‌ଟାଏ ଦେଇ ଚାଙ୍ଗୁଡି କରିବାକୁ କାରିଗରଙ୍କ ସହ କଥାବାର୍ତ୍ତା ପ୍ରସଙ୍ଗରେ ସେମାନେ ଖୁସିରେ ତାକୁ ଗ୍ରହଣ କଲେ । ପଚାରିବାରୁ କହିଲେ ନୂଆ ନୂଆ ଡିଜାଇନ୍ ମିଳିଲେ ଆମକୁ ଖୁସିଲାଗେ ଏବଂ ଏହା କରିଦେଲେ ଆମକୁ ସନ୍ତୋଷ ମିଳୁଛି । ଆଦିବାସୀ ମେଳାରେ ଏହି ସବୁ ଡିଜାଇନ୍‌କୁ ସଂପାଦନ କରିବାରେ ଆମର ଦକ୍ଷତା ବିକଶିତ ହେଉଛି ଏବଂ ତା ବାବଦକୁ ମୂଲ୍ୟ ମଧ ମିଳୁଛି । ଏହାକୁ ଆମେ ଭବିଷ୍ୟତରେ ଏହାକୁ ଜୀବିକା ହିସାବରେ ଗ୍ରହଣ କରିନେବାକୁ ଇଚ୍ଛା କରୁଛୁ । ଆଦିବାସୀ ମେଳା ପରି ବଜାର ମିଳିଗଲେ ଆମର ଜୀବିକା ଅର୍ଜନ ସୁରକ୍ଷିତ ରହିବ ବୋଲି ସେମାନେ ଆଶାବାଦୀ ।

***